କେରଳ ରାଜ୍ୟ ବିଦ୍ୟୁତ ବୋର୍ଡ

ବନାମ

ସି. ପି. ଶିବଶଙ୍କର ମେନନ୍

(2008ର ଦେୱାନୀ ଆବେଦନ ସଂଖ୍ୟା 4702)

ଜୁଲାଇ 29,2008

**[ଡ. ଅରିଜିତ ପଶାୟତ ଏବଂ ଡ. ମୁକୁନ୍ଦକମ୍ ଶର୍ମା, ନ୍ୟାୟମୂର୍ତ୍ତିଦ୍ୱୟ]**

*କ୍ଷତିପୂରଣ :*

*ଫଳ ଧାରଣ କରୁଥିବା ଗଛ ପାଇଁ କ୍ଷତିପୂରଣ - ଗଣନ- ସର୍ବୋଚ୍ଚ ନ୍ୟାୟାଳୟ ଦ୍ୱାରା ନିର୍ଦ୍ଧାରିତ ନୀତିଗୁଡ଼ିକୁ ଧ୍ୟାନରେ ରଖି ନୂତନ ବିଚାର ପାଇଁ ଉଚ୍ଚ ନ୍ୟାୟାଳୟକୁ ପଠାଯାଇଥିବା ମାମଲା ।*

***ଏହି ବର୍ତ୍ତମାନ ଆବେଦନଗୁଡ଼ିକ ଆବେଦନକାରୀ ରାଜ୍ୟ ବିଦ୍ୟୁତ ବୋର୍ଡ ଦ୍ୱାରା କଟା ଯାଇଥିବା ଫଳଯୁକ୍ତ ଗଛଗୁଡ଼ିକର ଅମଳ ମୂଲ୍ୟାୟନ ପାଇଁ କ୍ଷତିପୂରଣ ପ୍ରଦାନ ସହ ଜଡ଼ିତ।ଆବେଦନକାରୀ ତରଫରୁ ଯୁକ୍ତି କରାଯାଇଥିଲା ଯେ ଆଇନରେ ପ୍ରାସଙ୍ଗିକ ସ୍ଥିତିକୁ ଉଚ୍ଚ ନ୍ୟାୟାଳୟ ଦୃଷ୍ଟିରେ ରଖି ନାହାଁନ୍ତି ।***

***ଆବେଦନକୁ ଅନୁମତି ଦେଇ ନ୍ୟାୟାଳୟ ନିର୍ଣ୍ଣୟ ନେଲେ :***

***ଲିଭିଶାଙ୍କ ମାମଲାରେ ଏହି ନ୍ୟାୟାଳୟଙ୍କ ଦ୍ୱାରା ପ୍ରକାଶିତ ମତକୁ ଅନୁସରଣ କରି ଉଚ୍ଚ ନ୍ୟାୟାଳୟର ଆଦେଶକୁ ବାତିଲ କରିଆଯାଇଛି ଏବଂ ଉକ୍ତ ନିର୍ଣ୍ଣୟରେ ନିର୍ଦ୍ଧାରିତ ନୀତିଗୁଡ଼ିକୁ ଧ୍ୟାନରେ ରଖି ଏହି ପ୍ରସଙ୍ଗକୁ ନୂତନ ବିଚାର ପାଇଁ ପଠାଯାଇଛି ।***

**ନଜିର ସୂଚନା ପ୍ରସଙ୍ଗ**

*କେରଳ ରାଜ୍ୟ ବିଦ୍ୟୁତ ବୋର୍ଡ ବନାମ ଲିଭିଶା ଇତ୍ୟାଦି ଇତ୍ୟାଦି* **(2007) 7 ଏସ. ସି. ଆର. 356 = 2007 (6) ଏସ. ସି. ସି. 792 ଅନୁସରଣ କରାଯାଇଥିଲା ।**

*କୁମ୍ବା ଆମ୍ମା ବନାମ କେ. ଏସ. ଇ. ବି* **2000 (1) କେ ଏଲ ଟି 542** ଉଦ୍ଧୃତ ।

ଦେୱାନୀ ଆବେଦନ ଅଧିକରିତା : 2008 ର ଦେୱାନୀ ଆବେଦନ ସଂଖ୍ୟା 4702

2001 ର ସି. ଆର୍. ପି. ସଂଖ୍ୟା 434 ରେ ଏରନାକୁଲମ୍ ଠାରେ କେରଳ ଉଚ୍ଚ ନ୍ୟାୟାଳୟର 6/1/2006 ତାରିଖର ଅନ୍ତିମ ରାୟ ଏବଂ ଆଦେଶରୁ ।

ସହିତ

ସି. ଏ. ସଂଖ୍ୟା 4703/2008

ଆବେଦନକାରୀ ପାଇଁ ଏମ୍. ଟି. ଜର୍ଜ ।

ନ୍ୟାୟାଳୟର ରାୟ **ନ୍ୟାୟମୂର୍ତ୍ତି ଡକ୍ଟର ଅରିଜିତ ପଶାୟତ**ଙ୍କ ଦ୍ୱାରା ପ୍ରଦାନ କରାଯାଇଥିଲା ।

ଏସ୍. ଏଲ୍. ପି. (ସି) ସଂଖ୍ୟା 12436 ଏବଂ ଏସ.ଏଲ.ପି. (ସି) 2006ରେ ସଂଖ୍ୟା 12438

1. ଅନୁମତି ପ୍ରଦାନ କରାଗଲା ।

2. ଆବେଦନକାରୀ ଦାଖଲ କରିଥିବା ଦେୱାନୀ ପୁନଃ ସମୀକ୍ଷା ପାଇଁ ଆବେଦନକୁ ଖାରଜ କରାଯାଇଥିବା କେରଳ ଉଚ୍ଚ ନ୍ୟାୟାଳୟର ଜଣେ ନ୍ୟାୟମୁର୍ତ୍ତିଙ୍କ ରାୟକୁ ଏହି ଆବେଦନଗୁଡିକରେ ଆପତ୍ତି କରାଯାଇଛି । ଦେୱାନୀ ପୁନଃ ସମୀକ୍ଷା ପାଇଁ ଆବେଦନରେ ଓ.ପି. (ବିଦ୍ୟୁତ) ସଂଖ୍ୟା 40/1996 ଏବଂ 43/96 ରେ ଉତ୍ତର ପାରାଭୁର ଅତିରିକ୍ତ ଜିଲ୍ଲା ବିଚାରପତିଙ୍କ ଦ୍ୱାରା ପାରିତ ଆଦେଶକୁ ଆପତ୍ତି କରାଯାଇଥିଲା

। 2001 ର ସିଆରପି ସଂଖ୍ୟା 507 ରେ ଉଚ୍ଚ ନ୍ୟାୟାଳୟଙ୍କ ପୂର୍ବ ନିର୍ଣ୍ଣୟ ଆଧାରରେ 03.12.2004 ତାରିଖର ଆଦେଶ ଦ୍ଵାରା ଅନେକ ପୁନଃ ସମୀକ୍ଷା ପାଇଁ ଆବେଦନର ସମାଧାନ କରାଯାଇଥିଲା ।

3. ଆବେଦନକାରୀ ପାଇଁ ବିଦ୍ୱାନ ଓକିଲଙ୍କ ଦ୍ଵାରା ଏହା ନିବେଦନ କରାଯାଇଛି ଯେ ଉଚ୍ଚ ନ୍ୟାୟାଳୟର ମତ ସଠିକ୍ ନୁହେଁ । ଆବେଦନକାରୀ ବୋର୍ଡ 220 କେ. ଭି. ବିଦ୍ୟୁତ ଲାଇନ ବିଛାଇବା ଉଦ୍ଦେଶ୍ୟରେ କେତେକ ଫଳପ୍ରଦ ରବର ଗଛ, 19ଟି ନଡ଼ିଆ ଗଛ, ଗୋଲମରିଚ ଲତା, ସୁପାରୀ ଗଛ ଏବଂ ଆମ୍ବ ଗଛ କାଟିଥିଲେ । ଉତ୍ତରଦାତାମାନେ କ୍ଷତିପୂରଣ ଭାବେ ପଇଠ ପାଇଁ ନିର୍ଦ୍ଧାରିତ ରାଶି ଉପରେ ସନ୍ତୁଷ୍ଟ ନଥିଲେ । ଗୋଟିଏ ମାମଲାରେ ଓପି ସଂଖ୍ୟା 40/1996 ଏବଂ ଅନ୍ୟ ମାମଲାରେ 43/1996 ଅତିରିକ୍ତ କ୍ଷତିପୂରଣ ଦାବି କରି ବିଚାର କରୁଥିବା ନ୍ୟାୟାଳୟରେ ଦାଖଲ କରାଯାଇଥିଲା, ଯାହାକୁ ଅନୁମତି ଦିଆଯାଇଥିଲା । ଏହି ମାମଲାରେ ଆବେଦନକାରୀ ଆଭିମୁଖ୍ୟ ହେଉଛି ଯେ ଆଇନରେ ପ୍ରାସଙ୍ଗିକ ସ୍ଥିତିକୁ ଉଚ୍ଚ ନ୍ୟାୟାଳୟ ଦ୍ଵାରା ଧ୍ୟାନରେ ରଖାଯାଇ ନଥିଲା । ଏହି ବିବାଦ ଗଛର ଉତ୍ପାଦନର ମୂଲ୍ୟାୟନ ଏବଂ ଏହାର ଭବିଷ୍ୟତ ବୟସ ପାଇଁ ପ୍ରଦାନ କରାଯାଇଥିବା କ୍ଷତିପୂରଣ ଏବଂ ସୁଧ ପ୍ରଦାନ ସହ ଜଡ଼ିତ ଥିଲା ।

4. ଆବେଦନକୁ ସମର୍ଥନ କରି ଆବେଦନକାରୀ ବୋର୍ଡର ବିଦ୍ୱାନ ଓକିଲମାନେ ଦର୍ଶାଇଥିଲେ ଯେ, ଉଚ୍ଚ ନ୍ୟାୟାଳୟଙ୍କ ରାୟ ସ୍ପଷ୍ଟ ଭାବେ ଗ୍ରହଣୀୟ ନୁହେଁ, କାରଣ କେରଳ ଉଚ୍ଚ ନ୍ୟାୟାଳୟର *କୁମ୍ବା ଆମ୍ମା ବନାମ କେ.ଏସ.ଇ.ବି.* (2000 (1) କେଏଲ.ଟି. 542) ମାମଲାରେ ସମ୍ପୂର୍ଣ୍ଣ ଖଣ୍ଡପୀଠର ରାୟକୁ ଏହି ଅଦାଲତ *କେରଳ ରାଜ୍ୟ ବିଦ୍ୟୁତ ବୋର୍ଡ ବନାମ ଲିଭିଶା* ଆଦି [2007 (6) ଏସ. ସି. ସି. 792] ମାମଲାରେ 2006 ର ଦେୱାନୀ ଆବେଦନ ସଂଖ୍ୟା 289 ଏବଂ ଅନ୍ୟାନ୍ୟ ଦେୱାନୀ ଆବେଦନରେ ସାଧାରଣ ରାୟ ଦ୍ଵାରା ଖାରଜ କରିଦେଇଛନ୍ତି । ଏହି ନ୍ୟାୟାଳୟ ପ୍ରତ୍ୟେକ ମାମଲାରେ ବିବାଦୀୟ ଆକ୍ଷେପିତ ଆଦେଶକୁ ବାତିଲ କରି ଏକ ନୂତନ ବିଚାର ପାଇଁ ମାମଲାକୁ ଉଚ୍ଚ

ନ୍ୟାୟାଳୟକୁ ପଠାଇଥିଲେ।ଏହା, ଅନ୍ୟ ବିଷୟଗୁଡ଼ିକ ମଧ୍ୟରେ, ନିମ୍ନମତେ ଅବଲୋକନ କରାଯାଇଥିଲା :

"10. ଜମିର ସ୍ଥିତି, ତା 'ଉପରେ ବିଛାଯାଇଥିବା ଉଚ୍ଚ ଭୋଲଟେଜ୍ ବିଦ୍ୟୁତ ଲାଇନ ମଧ୍ୟରେ ଦୂରତା, ତା' ଉପରେ ଥିବା ଲାଇନର ବ୍ୟାପକତା ଏବଂ ଉଚ୍ଚ ଭୋଲଟେଜ୍ ଲାଇନ ଜମିର ଏକ ଛୋଟ ଅଂଶ ଉପରେ କିମ୍ବା ଜମିର ମଧ୍ୟଭାଗ ଦେଇ ଗତି କରେ କି ନାହିଁ ଏବଂ ଆମ ମତ ରେ ଅନ୍ୟାନ୍ୟ ସମାନ ପ୍ରାସଙ୍ଗିକ କାରକ ନିର୍ଣ୍ଣାୟକ ହେବ I ଜମିର ମୂଲ୍ୟ ମଧ୍ୟ ଏକ ପ୍ରାସଙ୍ଗିକ କାରକ ହେବ I ଏହା ବ୍ୟତୀତ ଜମିର ମାଲିକ, ଏକ ନିର୍ଦ୍ଦିଷ୍ଟ ପରିସ୍ଥିତିରେ, ସେହି ସମ୍ପତ୍ତିକୁ ସେହି ଉଦ୍ଦେଶ୍ୟରେ ବ୍ୟବହାର କରିବାର ତାଙ୍କର ମୂଳ ଅଧିକାର ହରାଇପାରନ୍ତି, ଯେଉଁ ଉଦ୍ଦେଶ୍ୟରେ ତାହା ବ୍ୟବହାର କରାଯିବାର ଥିଲା I

11. ଫଳ ଧାରଣ କରୁଥିବା ଗଛ ସମ୍ପର୍କରେ କ୍ଷତିପୂରଣ ବିଷୟରେ, ପ୍ରତ୍ୟେକ ମାମଲାର ତଥ୍ୟ ଏବଂ ପରିସ୍ଥିତି ଉପରେ ମଧ୍ୟ ସମାନ ନିର୍ଭର କରିବ I ସଂଯୋଗବଶତଃ, ଆମେ ଜମି ଅଧିଗ୍ରହଣ ଅଧିକାରୀ ବନାମ କାମଦନା ରାମକୃଷ୍ଣ ରାଓ (2007 (3) ଏସ. ସି. ସି. 526) ମାମଲାରେ ଏହି ନ୍ୟାୟାଳୟର ଏକ ସଦ୍ୟ ନିର୍ଣ୍ଣୟ  ଉଲ୍ଲେଖ କରିପାରିବା, ଯେଉଁଥିରେ ଜମି ଅଧିଗ୍ରହଣ ଅଧିନିୟମ ଅନୁଯାୟୀ ଦେୟ କ୍ଷତିପୂରଣର ପରିମାଣ ନିର୍ଦ୍ଧାରଣ କରିବା ପାଇଁ ଅମଳ ଆଧାରରେ ଦାବି କରିବା ପ୍ରାସଙ୍ଗିକ ବୋଲି ଧରାଯାଇଛି; କପୁର ସିଂହ ମିସ୍ତ୍ରୀ ବନାମ ପଞ୍ଜାବ ସରକାରଙ୍କ ଆର୍ଥିକ ଆୟୁକ୍ତ  ଏବଂ ରାଜସ୍ୱ ସଚିବ (1995 ସପ୍ଲିମେଣ୍ଟ (2) ଏସ. ସି. ସି. 635), ହରିୟାଣା ରାଜ୍ୟ ବନାମ ଗୁରୁଚରଣ ସିଂହ (1995 ସପ୍ଲିମେଣ୍ଟ (2) ଏସ. ସି. ସି. 637), ଅନୁଚ୍ଛେଦ  4 ଏବଂ ଭାରତ  ବିମାନ ବନ୍ଦର କର୍ତ୍ତୃପକ୍ଷ ବନାମ ସତ୍ୟଗୋପାଳ ରାୟ (2002 (3) ଏସ. ସି. ସି. 527) ରେ ସମାନ ନୀତିକୁ ଦୋହରାଯାଇଛି I ବିମାନ ବନ୍ଦର ପ୍ରାଧିକରଣରେ ଏହା ନିର୍ଣ୍ଣିତ ହୋଇଥିଲା : (ଏସ ସି ସି ପୃଷ୍ଠା 533,ଅନୁଚ୍ଛେଦ 14)

"14. ତେଣୁ, ଆମ ବିଚାରରେ, ଉଚ୍ଚ ନ୍ୟାୟାଳୟ ଗୁରୁଚରଣ ସିଂ ମାମଲାରେ ଏହି ନ୍ୟାୟାଳୟଙ୍କ ଦ୍ୱାରା ଦିଆଯାଇଥିବା ନିର୍ଣ୍ଣୟ ଅନୁସରଣ ନକରିବା ଏବଂ ଆଠ ବାର୍ଷିକ ଗୁଣକ ପ୍ରୟୋଗ କରି ଗଛରୁ ଉତ୍ପାଦନ ଆଧାରରେ ଉତ୍ତରଦାତାମାନଙ୍କୁ ଦେୟ କ୍ଷତିପୂରଣ ସ୍ଥିର କରିବାର କୌଣସି କାରଣ ନାହିଁ । ଆମ ମତରେ,ଏହି ବିଷୟକୁ ଦୃଷ୍ଟିରେ ରଖି, ଉଚ୍ଚ ନ୍ୟାୟାଳୟ 1୫ର ଗୁଣକ ଗ୍ରହଣ କରି କ୍ଷତିପୂରଣ ପ୍ରଦାନ କରିବାରେ ସ୍ପଷ୍ଟ ତ୍ରୁଟି କରିଥିଲେ ।

12. ତେଣୁ, ଆମର ମତ  ହେଉଛି ଯେ ଉଚ୍ଚ ନ୍ୟାୟାଳୟ ପ୍ରତ୍ୟେକ ମାମଲାର ଯଥାର୍ଥତା ଉପରେ ବିଚାର କରିବା ଉଚିତ, ଯେଉଁଥିରେ ବାସ୍ତବ ପରିସ୍ଥିତିକୁ ବିଚାରକୁ ନିଆଯାଏ । ତେଣୁ, ବିବାଦୀୟ ରାୟକୁ ବଜାୟ ରଖାଯାଇପାରିବ ନାହିଁ । ସେହି ଅନୁସାରେ ଏଗୁଡ଼ିକୁ ବାତିଲ କରାଯାଇଛି । ଏହି ବିଷୟଗୁଡ଼ିକ ପୁନର୍ବାର ବିଚାର ପାଇଁ ଉଚ୍ଚ ନ୍ୟାୟାଳୟକୁ ପଠାଯାଏ । ଆବେଦନଗୁଡ଼ିକୁ ଅନୁମତି ଦିଆଯାଇଛି । ମାମଲାର ତଥ୍ୟ ଏବଂ ପରିସ୍ଥିତିରେ, ଖର୍ଚ୍ଚ ବିଷୟରେ କୌଣସି ଆଦେଶ  ରହିବ ନାହିଁ ।

5. ପ୍ରତ୍ୟେକ ମାମଲାରେ ଉତ୍ତରଦାତାଙ୍କ ତରଫରୁ କୌଣସି ଦେଖା ନାହିଁ ଯଦିଓ ସୂଚନା ଜାରି କରାଯାଇଛି ।

6. ଉପରୋକ୍ତ ନିଷ୍ପତ୍ତିରେ ଏହି ଅଦାଲତଙ୍କ ଦ୍ୱାରା ପ୍ରକାଶିତ ମତାମତକୁ ଅନୁସରଣ କରି, ଆମେ ପ୍ରତ୍ୟେକ ମାମଲାରେ ଉଚ୍ଚ ନ୍ୟାୟାଳୟଙ୍କ ଆପତ୍ତିଜନକ ନିର୍ଦ୍ଦେଶକୁ ଖାରଜ କରୁଛୁ ଏବଂ ଉପରେ ଉଲ୍ଲେଖ କରାଯାଇଥିବା ନିଷ୍ପତ୍ତିରେ ଉଲ୍ଲେଖିତ ନୀତିଗୁଡ଼ିକୁ ଧ୍ୟାନରେ ରଖି ନୂତନ ବିଚାର ପାଇଁ ମାମଲାଟିକୁ ତାଙ୍କ ପାଖକୁ ପଠାଇ ଦେଉଛୁ ।

6. ଖର୍ଚ୍ଚ ସମ୍ବନ୍ଧୀୟ କୌଣସି ନିର୍ଦ୍ଦେଶ ବିନା ଆବେଦନଗୁଡ଼ିକୁ ଅନୁମତି ଦିଆଯାଇଛି ।

ଆର୍. ପି. ଆବେଦନକୁ ଅନୁମତି ଦିଆଯାଇଛି ।

**<u>ଅସ୍ୱୀକରଣ</u>**

"ଉପଭାଷାରେ ଅନୁବାଦିତ ରାୟ କେବଳ ମକଦ୍ଦମାରେ ପକ୍ଷଭୁକ୍ତ ବ୍ୟକ୍ତିଙ୍କର ସୀମିତ ବ୍ୟବହାର ଏବଂ ତାଙ୍କ ଆଞ୍ଚଳିକ ଭାଷାରେ ବୋଧଗମ୍ୟ ହେବା ନିମନ୍ତେ ଉଦ୍ଦିଷ୍ଟ ଏବଂ ଅନ୍ୟ କୌଣସି ଉଦ୍ଦେଶ୍ୟ ନିମନ୍ତେ ଏହା ବ୍ୟବହାର କରାଯାଇନପାରେ । ସମସ୍ତ ବ୍ୟବହାରିକ ଏବଂ ସରକାରୀ ଉଦ୍ଦେଶ୍ୟ ନିମନ୍ତେ ରାୟର ଇଂରାଜୀ ସଂସ୍କରଣଟି ପ୍ରାମାଣିକ ବିବେଚିତ ହେବ ଏବଂ ସମସ୍ତ କାର୍ଯ୍ୟାନ୍ୱୟନ ଏବଂ ନିଷ୍ପାଦନ ନିମନ୍ତେ ଏହା ଉପଯୁକ୍ତ ବିବେଚିତ ହେବ ।"

**ଭାଷାନ୍ତର :**
ସ୍ୱିଡିଲ୍ ନାୟକ,
ଅନୁବାଦିକା,
ଓଡ଼ିଶା ଉଚ୍ଚ ନ୍ୟାୟାଳୟ, କଟକ ।